ଜ୍ଞାପକ ସଂଖ୍ୟା ୫୨୫ ତା ୧୨।୭।୧୮ ରିଖ

## ରାଜ୍ୟପାଳ ଟ୍ରଫି ପାଇଁ ପ୍ରତିଯୋଗିତା ।

ଯାଜପୁର, ତା ୧୨।୭: ରାଜ୍ୟପାଳଙ୍କ ଟ୍ରଫି ୨୦୧୭-୧୮ ବର୍ଷ ପାଇଁ ବିବିଧ ପ୍ରତିଯୋଗିତାର ଆୟୋଜନ କରାଯାଇଅଛି । ଚିତ୍ରକଳା, ଓଡିଶୀ ନୃତ୍ୟ, ଲୋକ ନୃତ୍ୟ, କଣ୍ଠ ସ୍ୱର ଏହିଭଳି ୪ ଗୋଟି ବିଭାଗରେ ପ୍ରତିଯୋଗିତା କରାଯିବ । ଅଷ୍ଟମ ରୁ ଦଶମ ଶ୍ରେଣୀ 'କ' ଓ ପଞ୍ଚମ ରୁ ସପ୍ତମ ଶ୍ରେଣୀ 'ଖ' ବର୍ଗ ଭାବେ ବିବେଚନା କରାଯାଇ ଏହି ପ୍ରତିଯୋଗିତା ଗୁଡିକ ଅନୁଷ୍ଠିତ ହେବ । ବ୍ଲକ ସ୍ତରରେ ପ୍ରତିଯୋଗିତା ମାଧ୍ୟମରେ ଶ୍ରେଷ୍ଠ ପ୍ରତିଯୋଗିଙ୍କୁ ଚୟନ କରାଯାଇ ଜିଲ୍ଲା ସ୍ତରକୁ ପ୍ରେରଣ କରାଯିବ । ଜିଲ୍ଲା ସ୍ତରର ପ୍ରଥମ ପ୍ରତିଯୋଗୀଙ୍କୁ ରାଜ୍ୟ ସ୍ତରକୁ ପ୍ରେରଣ କରାଯିବ । ବ୍ଲକ ଓ ପୌରା□ଳ ସ୍ତରର ପ୍ରତିଯୋଗିତା ଚଳିତ ମାସ ୧୫ ତାରିଖରୁ ୨୦ ତାରିଖ ମଧ୍ୟରେ ଓ ଜିଲ୍ଲା ସ୍ତରରେ ଜୁଲାଇ ୨୭ ତାରିଖରେ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହେବ । ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଅଗଷ୍ଟ ୨୦ ତାରିଖ ଠାରୁ ୨୮ ତାରିଖ ମଧ୍ୟରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ । କୌଣସି ପ୍ରତିଯୋଗୀ ପୂର୍ବରୁ ରାଜ୍ୟପାଳ ଟ୍ରଫରେ ପୁରସ୍କୃତ ହୋଇଥିଲେ ସେମାନେ ଏଥିରେ ଅଂଶ ଗ୍ରହଣ କରିପାରିବେ ନାହିଁ । ଆଗ୍ରହୀ ଓ ଉପଯୁକ୍ତ ପ୍ରତିଯୋଗୀ ମାନେ ଏ ସଂପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୌର ନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ କରି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିପାରିବେ । ଏ ସଂପର୍କରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପୌର ନିର୍ବାହୀ ଅଧିକାରୀଙ୍କୁ ଜିଲ୍ଲା କାର୍ଯ୍ୟାଳୟ ପକ୍ଷରୁ ଅବଗତ କରାଯାଇଅଛି ବୋଲି ସଂସ୍କୃତି ଅଧିକାରୀ ସୂଚନା ଦେଇଛନ୍ତି ।

.

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ,
ଯାଜପୁର ।